# ନିଆରା ଗୁରୁ ନିରାକାର

ଭଦ୍ରକ, ୪।୯ (ସନାତନ ରାଉତ)

ଜୀବନରେ ଗୁରୁଙ୍କ ବିଶେଷ ଭୂମିକା ରହିଛି। ଭଲ ମଣିଷ ହେବା ପାଇଁ ଠିକ୍ ବାଟ ଦେଖାଇଥାନ୍ତି ଗୁରୁ। ଯେକୌଣସି କ୍ଷେତ୍ରରେ ହେଉ ନା କାହିଁକି ଗୁରୁ ନିହାତି ଆବଶ୍ୟକ ଓ ତାଙ୍କ ସ୍ଥାନ ସ୍ୱତନ୍ତ୍ର। ଶିକ୍ଷା କ୍ଷେତ୍ରକୁ ଛାଡ଼ି ଦେଲେ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ଦେଇଥିବା ବ୍ୟକ୍ତି ମଧ୍ୟ ହେଉଛନ୍ତି ଗୁରୁ। ଶିକ୍ଷିତ ଯୁବକମାନଙ୍କୁ ଶିକ୍ଷାଦାନ ଓ ତାଲିମ ଦେଇ ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ ଆଦି ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ ସହ ରୋଜଗାରକ୍ଷମ କରାଇଥିବା ଜଣେ ନିଆରା ଗୁରୁ ହେଉଛନ୍ତି ଭଦ୍ରକ ଜିଲା ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା।

ବନ୍ତ ବ୍ଲକ ମହୁଲଗଡ଼ିଆ ଗ୍ରାମର ଘଣ୍ଟେଶ୍ୱର ଜେନା ଓ ସ୍ୱର୍ଗତ ରମ୍ଭାଦେବୀଙ୍କ ଜ୍ୟେଷ୍ଠପୁତ୍ର ହେଉଛନ୍ତି ଡା. ନିରାକାର। ଏପର୍ଯ୍ୟନ୍ତ ଅନେକ ଯୁବକ ଓ ଚାଷୀଙ୍କୁ ତାଲିମ ଦେଇ ସେ ରୋଜଗାରକ୍ଷମ କରାଇଛନ୍ତି। ଏପରିକି କୋଭିଡ୍ ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ବାହାର ରାଜ୍ୟରୁ ଆସି ଘରେ ରହୁଥିବା ଯୁବକମାନଙ୍କ ପାଇଁ ଏକ ୟୁଟ୍ୟୁବ୍ ଚ୍ୟାନେଲ କରି ପ୍ରତ୍ୟେହ ବିଭିନ୍ନ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସାରା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚାଷୀ ତାଙ୍କ ଚ୍ୟାନେଲର ଅନୁଗାମୀ ହେବା ସହ ପ୍ରତି ସନ୍ଧ୍ୟାରେ ଅନ୍‌ଲାଇନ୍‌ରେ ଯୋଡ଼ିହୋଇ ନିଜ ପ୍ରାଣୀ ପାଳନ ଓ ଚିକିତ୍ସା ସମ୍ବନ୍ଧରେ

**ପ୍ରାଣୀ ପାଳନ ଶିକ୍ଷା ଦେଇ ଅନେକ ଯୁବକଙ୍କୁ କରାଇଛନ୍ତି ଆତ୍ମନିର୍ଭରଶୀଳ**


ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା ଏକ ବାଛୁରୀର ଚିକିତ୍ସା କରୁଛନ୍ତି।

ଶିକ୍ଷା ଗ୍ରହଣ କରିଥିଲେ। ବହୁ ଯୁବକ ସେହି ଚ୍ୟାନେଲରୁ ତାଲିମ ପାଇ ଆଉ ବାହାର ରାଜ୍ୟକୁ ନ ଯାଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହାବ୍ୟତୀତ ରେଡିଓ ଓ ବିଭିନ୍ନ ଖବରକାଗଜରେ ତାଙ୍କର ସୁଚିନ୍ତିତ ମତାମତ ବିଭିନ୍ନ ସମୟରେ ପ୍ରକାଶ ପାଉଛି। ଯାହାଦ୍ୱାରା ସେଥିରୁ ମଧ୍ୟ ପ୍ରାଣୀ ଚିକିତ୍ସାର ବିଭିନ୍ନ ରୋଗର ନିରାକରଣ ସମ୍ବନ୍ଧରେ ଶିକ୍ଷା ମିଳୁଛି।

ଏନେଇ ଡା. ନିରାକାର କହିଛନ୍ତି, ଯେକୌଣସି କାର୍ଯ୍ୟରେ ଆଗକୁ ବଢ଼ିବା ଓ କମ୍ ଖର୍ଚ୍ଚରେ ଅଧିକ ରୋଜଗାର କରିବା ପାଇଁ ହେଲେ ଶିକ୍ଷା ଓ ସଚେତନତା ଆବଶ୍ୟକ। ପ୍ରାଣୀ ପାଳନ କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ଚାଷୀମାନଙ୍କୁ ପ୍ରଥମେ ଶିକ୍ଷିତ କରିବା ଓ ସେମାନଙ୍କୁ ନୂଆ ଜ୍ଞାନକୌଶଳ ବିଷୟରେ ତାଲିମର ଆବଶ୍ୟକତା ଅଛି। ସେଥିପାଇଁ ଗତ ୩ ବର୍ଷ ଧରି ଅନ୍‌ଲାଇନରେ ଛେଳି, ଗାଈ, କୁକୁଡ଼ା ଚାଷୀମାନଙ୍କୁ ନୂତନ ଜ୍ଞାନ କୌଶଳ ଶିକ୍ଷା ପ୍ରଦାନ କରୁଛନ୍ତି। ଏବେସୁଦ୍ଧା ଏଥିରେ ଅନୁପ୍ରାଣୀତ ହୋଇ ରାଜ୍ୟରେ ୨୦ରୁ ଊର୍ଦ୍ଧ୍ୱ ଗାଈ ଫାର୍ମ, ୫୦ରୁ ଊର୍ଦ୍ଧ୍ୱ ଛେଳି ଫାର୍ମ ଓ ୫୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ଯୁବକମାନଙ୍କ ଦ୍ୱାରା ପ୍ରତିଷ୍ଠା ହେବା ସହ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହାସହ ଅନ୍ୟମାନଙ୍କୁ ଫାର୍ମରେ ନିୟୋଜିତ କରି ରୋଜଗାର ଦେଇପାରିଛନ୍ତି। ଏଥିପାଇଁ ତାଙ୍କୁ ନାଇଜେରିଆ ଓ ୟୁନିସେଫ୍ ପକ୍ଷରୁ ପୁରସ୍କାର ମିଳିଥିବା ବେଳେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ମଧ୍ୟ ମିଳିଛି। ଧାମନଗର ବ୍ଲକ କୋଠାରର ଯୁବକ ପଙ୍କଜ କୁମାର ଦାସ କହନ୍ତି, ଡା. ନିରାକାର ଜେନାଙ୍କ ଉପଦେଶ ଓ ପ୍ରଶିକ୍ଷଣରେ ଅନୁପ୍ରାଣୀତ ହୋଇ ସେ ଛେଳିଫାର୍ମ କରିଛନ୍ତି। ଏବେ ରାଜ୍ୟର ସମସ୍ତ ଜିଲାକୁ ବିଭିନ୍ନ ବ୍ରିଡ୍‌ର ଛେଳି ଯୋଗାଇବା ସହ ଭଲ ରୋଜଗାର କରିପାରୁଛନ୍ତି। ସେହିପରି ଭଦ୍ରକ ବ୍ଲକ ବ୍ରହ୍ମପୁରର ଶିବରାମ ରାଉତ କହନ୍ତି, ନିରାକାର ସାର୍‌ଙ୍କ ୟୁଟ୍ୟୁବ୍ ଚ୍ୟାନେଲରୁ ସମସ୍ତ ଭିଡିଓ ଦେଖି ପ୍ରାଣୀ ପାଳନ ଉପରେ ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ବ୍ରହ୍ମପୁରରେ ଏବେ ଶତାଧିକ ମେଣ୍ଢା ପାଳନ କରି ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ, ଯୁବକଙ୍କୁ ଅଟକ ରଖିଲେ ଲୋକେ

ବାସୁଦେବପୁର, ୪।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବେତଡ଼ା ବଜାର ନିକଟସ୍ଥ ଚନ୍ଦନପୁର ଅଞ୍ଚଳରେ ମଙ୍ଗଳବାର ରାତିରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଜଣେ ଯୁବକ ଅସଦାଚରଣ ସହ ଦୁର୍ବ୍ୟବହାର କରିଥିବା ନେଇ ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନାବାଳିକା ବିସ୍କୁଟ ଆଣିବାକୁ ନିକଟସ୍ଥ ଦୋକାନକୁ ଯାଇଥିବା ବେଳେ ଯୁବକ ଜଣକ ତାଙ୍କୁ ଟଣାଓଟରା କରି ଅସଦାଚରଣ କରିଥିଲେ। ଏହା ଜଣାପଡ଼ିବା ପରେ ନାବାଳିକାଙ୍କ ପରିବାର ଲୋକ ଓ ସ୍ଥାନୀୟ ଲୋକେ ଯୁବକଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନା ଗାଡ଼ିରେ ବସାଇଥିଲେ। ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ଯୁବକ ଜଣକ ଏକାଧିକବାର କେତେଜଣ ନାବାଳିକାଙ୍କ ସହ ଦୁର୍ବ୍ୟବହାର କରିଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ। ନାବାଳିକାଙ୍କ ବାପା ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

## ନଦୀରେ ଭାସିଯାଇଥିଲେ ଛାତ୍ରୀ
### ୨୨ ଘଣ୍ଟା ପରେ ମିଳିଲା ମୃତଦେହ

ବନ୍ତ, ୪।୯ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମର ଜଣେ ଛାତ୍ରୀ ମଙ୍ଗଳବାର କପାଳୀ ନଦୀକୁ ଶୌଚ ପାଇଁ ଯାଇ ଭାସି ଯାଇଥିଲେ। ପ୍ରାୟ ୨୨ ଘଣ୍ଟା ପରେ ବୁଧବାର ଉକ୍ତ ଛାତ୍ରୀଙ୍କ ମୃତଦେହ ମିଳିଛି। ମୃତା ଛାତ୍ରୀ ହେଲେ ଗ୍ରାମର ଚଗଲା ଶତପଥୀଙ୍କ ଝିଅ ମଧୁସ୍ମିତା(୨୨)।

ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନରେ ମଧୁସ୍ମିତା ଘର ନିକଟରେ ଥିବା କପାଳୀ ନଦୀକୁ ଶୌଚ ପାଇଁ ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ନଦୀପଠାରେ ତାଙ୍କର ଗୋଟିଏ ଜୋତା ପଡ଼ିଥିବା ବେଳେ ଅନ୍ୟଟି ପାଣିରେ ଭାସୁଥିବା ତାଙ୍କ ମା' ଦେଖିବାକୁ ପାଇଥିଲେ। ଏଥିରୁ ସେ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଇଥିଲା। ଖବର ପ୍ରଚାରିତ ହେବା ପରେ ଶତାଧିକ ଲୋକ ରୁଣ୍ଡିଭୂତ ହୋଇ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ମଧୁସ୍ମିତାଙ୍କୁ ପାଇ ନ ଥିଲେ। ପରେ ଆଗରପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜିଖୋଜି କରିଥିଲା। ବୁଧବାର ପୂର୍ବାହ୍ନରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଘରଠାରୁ ୧ କି.ମି. ଦୂର ରୁପୁଡି ପଲେଇ ସାହି ନିକଟସ୍ଥ ମୁଣ୍ଡାସାହି ଗଣ୍ଡ ନିକଟରୁ ତାଙ୍କ ମୃତଦେହ ପାଇଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଧୁସ୍ମିତା କନ୍ତିଆସ୍ଥିତ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଶାସ୍ତ୍ରୀ ୩ୟ ବର୍ଷର ଛାତ୍ରୀ ଥିଲେ। ସେ ପରିବାରର ଏକମାତ୍ର ଝିଅ ଥିଲେ।


ମଧୁସ୍ମିତା ଶତପଥୀ

## ବାଇକ୍ ଚୋର ର୍‍ୟାକେଟ ଠାବ
### ୧୮ ଚୋରା ବାଇକ୍ ଜବତ, ଜଣେ ଗିରଫ

ଭଦ୍ରକ, ୪।୯ (ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ଏକ ବାଇକ୍ ଚୋର ର୍‍ୟାକେଟ ଠାବ କରିଛି। ଏକ ବାଇକ୍ ଚୋରି ମାମଲାର ତଦନ୍ତ ବେଳେ ପୋଲିସ ଏହି ର୍‍ୟାକେଟର ସନ୍ଧାନ ପାଇଛି। ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୮ଟି ଚୋରା ବାଇକ୍ ଜବତ ହୋଇଥିବା ବୁଧବାର ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି।

ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ସୂଚନା ଦେଇ କହିଛନ୍ତି, ଗତ ଅଗଷ୍ଟ ୩୧ରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଧାମନଗର ଥାନା ଅଧୀନ ବାରିକପୁରର ରମେଶ କୁମାର ଦାସ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଟାଉନ ପୋଲିସ ମାମଲା (ନଂ. ୫୧୧/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ତଦନ୍ତରୁ ଉକ୍ତ ର୍‍ୟାକେଟ୍‌ର ସନ୍ଧାନ ପାଇବା ସହ ବିଭିନ୍ନ ସ୍ଥାନରୁ ୧୮ଟି ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜା ଅଞ୍ଚଳର ଶେଖ୍ ଫଇଜୁଲ୍‌ଙ୍କୁ ଗିରଫ କରାଯାଇଛି। ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସିଟି ଡିଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ସୂଚନା ଦେଉଛନ୍ତି। ଜବତ ହୋଇଥିବା ବାଇକ୍।

## ଶିକ୍ଷାନୁଷ୍ଠାନରେ ରାଜନୀତି ଶୋଭା ପାଏନା: ମନମୋହନ



ପ୍ରତିଷ୍ଠା ଦିବସ ସମାରୋହରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅନ୍ୟମାନେ।

ଚାନ୍ଦବାଲି, ୪।୯ (କିଷାନ ପାତ୍ର)

ଶିକ୍ଷାନୁଷ୍ଠାନରେ ରାଜନୀତି ଶୋଭା ପାଏନା। ଏହା ଏକ ବିଦ୍ୟାମନ୍ଦିର। ଏହାର ଉନ୍ନତି ପାଇଁ ସମସ୍ତେ ସହଯୋଗ କରିବା ଉଚିତ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ବୁଧବାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟର ୩୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହି ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ବିଶ୍ୱାଳଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ନିରୁପମା ସୂତାରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ପରିଚାଳନା କମିଟିର ପୂର୍ବତନ ସଭାପତି ସନାତନ ସାହୁ ଏବଂ ଅନ୍ୟତମ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ମଲ୍ଲ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଅଧ୍ୟାପକ ଭାବେ ରଘୁନାଥ ସାହୁ, ଶ୍ରେଷ୍ଠ କର୍ମଚାରୀ ଶିବ ପ୍ରସାଦ ମଲ୍ଲିକ ଓ ଶ୍ରେଷ୍ଠ ଅଣକର୍ମଚାରୀ ଭାବେ ସଞ୍ଜୁଲତା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଦିଲୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଜିଲା ସମ୍ପାଦକ କମଳାକାନ୍ତ ସୂତାର, କୃଷକ ମୋର୍ଚ୍ଚା ଜିଲା ସଭାପତି ଅଶୋକ ରାଉଳ, ବରିଷ୍ଠ ନେତା ଅଜୟ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ମିତ୍ରଭାନୁ ଦାସ, ଅଭୟ ବଳ, ସୁଶାନ୍ତ ପୁହାଣ, ଦେବେନ୍ଦ୍ର ନାୟକ, ସ୍ୱଦେଶ ପଣ୍ଡା, ପାରିଷଦ ଚନ୍ଦନ ରାଉତ, ବିଜୟ ବେହେରା, ସୁଶାନ୍ତ ମହାନ୍ତି, ମୀନକେତନ ବିଶ୍ୱାଳ, ଜଗନ୍ନାଥ ରାଉତ, ସରପଞ୍ଚ ଭାରତୀ ବିଶ୍ୱାଳ, ସୁରଭି ନାୟକ, ମଳୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ତେବେ ଉକ୍ତ ଉତ୍ସବକୁ ସ୍ଥାନୀୟ ବିଜେଡି ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ଦଳ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଇନଶୃଙ୍ଖଳା ଆଶଙ୍କା ଥିବାରୁ ପ୍ରଶାସନ ଆଗୁଆ ପଦକ୍ଷେପ ନେବା ସହ କଲେଜ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନର ୧ କିଲୋମିଟର ପର୍ଯ୍ୟନ୍ତ ବିଏନ୍‌ଏସ୍ ୧୬୩ ଧାରା ଜାରି କରିଥିଲା। ସଭାସ୍ଥଳରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଉପସ୍ଥିତ ରହି ନଜର ରଖିଥିଲେ। ଅତିରିକ୍ତ ଏସ୍‌ପି, ୪ ଏସ୍‌ଡିପିଓ, ୮ ଆଇଆଇସି ଉପସ୍ଥିତ ରହିଥିବା ବେଳେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

**ମତୋ କଲେଜର ପ୍ରତିଷ୍ଠା ଦିବସ**

**ଆଇନଶୃଙ୍ଖଳା ଉପରେ ନଜର ରଖିଥିଲେ ଜିଲାପାଳ, ଏସ୍‌ପି ଓ ପୂର୍ବାଞ୍ଚଳ ଡିଆଇଜି**

## ୧୬୩ ଜାରି ସତ୍ତ୍ୱେ କୁଶପୁତ୍ତଳିକା ଦାହ

ଚାନ୍ଦବାଲି/ ତିହିଡ଼ି, ୪।୯ (କିଷାନ ପାତ୍ର/ସଞ୍ଜିତ ବଳ)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ କଲେଜର ପ୍ରତିଷ୍ଠା ଦିବସ ବୁଧବାର ପାଳନ କରାଯାଇଥିବା ବେଳେ ଉତ୍ସବରେ ଅତିଥି ଚୟନକୁ ନେଇ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏଣୁ ଜିଲା ପ୍ରଶାସନ ପକ୍ଷରୁ କଲେଜର ୧ କି.ମି. ପରିଧି ମଧ୍ୟରେ ଖେରଙ୍ଗା ବଜାର, ନାଲଗୁଣ୍ଡା ବଜାର, ଦିଗଛିଆ ମାର୍କେଟ, ପରମାନନ୍ଦପୁର ଛକ ଓ ମତୋ ବଜାରରେ ବୁଧବାର ସକାଳ ୭ଟାରୁ ଗୁରୁବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ୧୬୩ ଧାରା ଜାରି କରାଯାଇଛି। ଏଥିସହ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହାସତ୍ତ୍ୱେ ଉଗ୍ରତରା ଛକରେ ବିଜେଡି ପକ୍ଷରୁ ଟାୟାର ଜାଳି ପ୍ରତିବାଦ ସହ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏପରିକି ପୋଲିସ ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍‌କୁ ମଧ୍ୟ ଠେଲାପେଲା କରୁଥିବା ଦେଖିବାକୁ ମିଳିଥିଲା। ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ରଞ୍ଜନ ସାହୁ, ପ୍ରଭାସ ନାୟକ ପ୍ରମୁଖ ଏଥିରେ ସାମିଲ ଥିଲେ। ପ୍ରକାଶଥାଉ କି, କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟବକ୍ତା ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଥିବାବେଳେ ସ୍ଥାନୀୟ ବିଧାୟକ ବିଜେଡିର ବ୍ୟୋମକେଶ ରାୟଙ୍କୁ ଅତିଥି କରାଯାଇ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସେହିପରି ତିହିଡ଼ି ବ୍ଲକର ପୀରହାଟ ବଜାରରେ ବୁଧବାର ପୂର୍ବାହ୍ନରେ ଭାଜପା ରାଜ୍ୟ ସଭାପତି ଓ ଏମ୍‌ପିଙ୍କୁ ବିଜେଡି କର୍ମୀମାନେ କଳାପତାକା ଦେଖାଇବା ସହ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଛନ୍ତି। ମନମୋହନ ଓ ଅଭିମନ୍ୟୁ ମତୋ କଲେଜର ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥି ଭାବେ ଯୋଗଦେବାକୁ ଯିବାବେଳେ ଶତାଧିକ ବିଜେଡି କର୍ମୀ ଏହି କାଣ୍ଡ ଭିଆଇଛନ୍ତି।

**ତିହିଡ଼ିରେ କଳାପତାକା ପ୍ରଦର୍ଶନ**


ଚାନ୍ଦବାଲିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ଏସିଡ୍ ଆକ୍ରମଣ ଉପରେ ସଚେତନତା

ଭଦ୍ରକ, ୪।୯ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜରେ ବୁଧବାର ଏସିଡ୍ ଆକ୍ରମଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ନିରାକାର ଜେନା, ଡେପୁଟି ଏସ୍‌ପି ସତ୍ୟ କୁମାର ନନ୍ଦ, କଲେଜ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ା, ତିହିଡ଼ି ଥାନାଧିକାରୀ ପ୍ରସନ୍ନ କୁମାର ନାୟକ, ସବ୍‌ଇନ୍ସପେକ୍ଟର ଅରୁନ୍ଧତୀ ବେହେରା, ବହ୍ନିଶିଖା ବିଶ୍ୱାଳ, ଅଧ୍ୟାପକ ତପନ କୁମାର ନାୟକ, ରାଜେନ୍ଦ୍ର ଭୂଏ ପ୍ରମୁଖ ଯୋଗ ଦେଇଥିଲେ। ଏସିଡ୍ ଆକ୍ରମଣ ହୋଇଥିବା ପୀଡ଼ିତାଙ୍କୁ କ୍ଷତିପୂରଣ ଓ ଆଇନସେବା ମାଧ୍ୟମରେ ସହଯୋଗ କରାଯାଇ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବ। ମାନସିକ ସ୍ତରରେ ସେମାନଙ୍କୁ ସଶକ୍ତ କରାଯିବା ଉପରେ ସେମାନେ ପରାମର୍ଶ ଦେଇଥିଲେ। କଲେଜରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ରାବଣ' ଶୀର୍ଷକ ଏକ ସ୍ୱଳ୍ପ ସମୟ ବିଶିଷ୍ଟ ନାଟକ ପରିବେଷଣ ହୋଇଥିଲା। ଛାତ୍ରୀଛାତ୍ର ବିଶେଷ କରି ୧୪ରୁ ୨୧ ବର୍ଷ ବୟସ ଭିତରେ ପିଲା ବହୁତ ଭୁଲ୍ କରିଥାନ୍ତି ଯାହାକି କ୍ଷମଣୀୟ ନୁହେଁ। ସେଥିପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦିଆଯାଇଛି।



ସଚେତନତା କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟକର୍ତ୍ତା।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାହାନଗା, ୪।୯ (ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ପଣ୍ଡାଶୁଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣୀ ସଭାରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରୋହିଆ ଟୁଡୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷାଧିକାରୀ ଅଶୋକ କୁମାର ନାୟକ, ମୁଖ୍ୟବକ୍ତା ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମାଣିକ ମିଶ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସମ୍ପାଦକ ଅଶୋକ କୁମାର ରାଉତ, ସିଆର୍‌ସିସି କାମାକ୍ଷା ପ୍ରସାଦ ଦାଶ, ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଭୋଇ, ସୁବାସ କୁମାର ପାଢ଼ୀ, କୃତିବାସ ଚନ୍ଦ୍ର ବେଜ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ୧୧୨ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଆର୍‌ସିସି ଗୋପାଳ ଚନ୍ଦ୍ର ଯେନା ଧନ୍ୟବାଦ ଦେଇଥିଲେ।

## ସୁଭଦ୍ରା ଫର୍ମ ବଣ୍ଟନକୁ ନେଇ ବିବାଦ

ତିହିଡ଼ି, ୪।୯ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ତଳଗୋପବିନ୍ଧା ପଞ୍ଚାୟତରେ ସୁଭଦ୍ରା ଫର୍ମ ବଣ୍ଟନକୁ ନେଇ ବିବାଦ ଉପୁଜିଛି। ଏହାକୁ ନେଇ ନାଏବ ସରପଞ୍ଚ ଓ ପଞ୍ଚାୟତ ଅଧୀନ ମିରିପୁର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ବୁଧବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନାଏବ ସରପଞ୍ଚ ବାସନ୍ତୀ ମଳିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପଞ୍ଚାୟତର ୬ ଓ ୭ନଂ. ୱାର୍ଡକୁ ନେଇ ମିରିପୁର ଅଙ୍ଗନୱାଡି କେନ୍ଦ୍ର। ଅଙ୍ଗନୱାଡି କର୍ମୀ ସୋମବାର ଦିନରେ ୩୦ଟି ସୁଭଦ୍ରା ଫର୍ମ ବାଣ୍ଟିବା ପରେ ଫର୍ମ ନ ଥିବା କହି ବଣ୍ଟନ ବନ୍ଦ କରି ଦେଇଥିଲେ। କିନ୍ତୁ ରାତିରେ କର୍ମୀ ଜଣକ ଫର୍ମ ବଣ୍ଟନ କରିବାରୁ ସେ ତାଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ଅଙ୍ଗନୱାଡି କର୍ମୀ ଓ ତାଙ୍କ ସ୍ୱାମୀ ବାସନ୍ତୀଙ୍କୁ ଦୁର୍ବ୍ୟବହାର କରିଛନ୍ତି। ସେ ଏନେଇ ତିହିଡ଼ି ଥାନା ସମେତ ବିଡିଓଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ଅପରପକ୍ଷେ ଅଙ୍ଗନୱାଡି କର୍ମୀ ସବିତା ନାୟକ ଦର୍ଶାଇଛନ୍ତି ଯେ, ତାଙ୍କୁ ସୋମବାର ସୁଭଦ୍ରା ଫର୍ମ ବଣ୍ଟନ କରିବାକୁ ଦିଆଯାଇଥିଲା। ପରେ ସେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଫର୍ମ ବଣ୍ଟନ କରୁଥିଲେ। ଏହି ସମୟରେ ନାଏବ ସରପଞ୍ଚଙ୍କ ସ୍ୱାମୀ ସେଠାରେ ପହଞ୍ଚି ତାଙ୍କ ମାର୍ଫତରେ ଫର୍ମ ବାଣ୍ଟିବାକୁ କହିଥିଲେ। ତାଙ୍କ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସେ କାର୍ଯ୍ୟ କରିବେ ବୋଲି କହିବାରୁ ନାଏବ ସରପଞ୍ଚଙ୍କ ସ୍ୱାମୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ମଙ୍ଗଳବାର ସେ ପୁଣି ଫର୍ମ ବଣ୍ଟନ କରୁଥିବା ବେଳେ କେତେଜଣ ଲୋକ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ଚାକିରି ଖାଇଦେବେ ବୋଲି କହିଥିବା ସେ ଦର୍ଶାଇଛନ୍ତି। ସେ ଏ ସମ୍ପର୍କରେ ସିଡିପିଓ ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଇଁ ଦାବି କରିଛନ୍ତି।


ମିରିପୁର ଅଙ୍ଗନୱାଡି କେନ୍ଦ୍ରରେ ସୁଭଦ୍ରା ଫର୍ମ ବଣ୍ଟନ କରାଯାଉଛି।

**ଅଙ୍ଗନୱାଡି କର୍ମୀ, ନାଏବ ସରପଞ୍ଚ ବିଡିଓଙ୍କ ଦ୍ୱାରସ୍ଥ**

**ସଂକ୍ଷେପରେ**

## ଆଧାର ସଂଶୋଧନ ପାଇଁ ଠେଲାପେଲା

### ସୋର ମୁଖ୍ୟ ଡାକଘରେ ଉତ୍ତେଜନା

**ସୋର,୪।୯(ଜନ୍ମେଜୟ ମିଶ୍ର):** ରାଜ୍ୟରେ ବୁଧବାରଠାରୁ 'ସୁଭଦ୍ରା' ଯୋଜନା ପାଇଁ ଫର୍ମ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର ଜିଲା ସୋର ପୌର ପରିଷଦ ଅଧୀନ ମୁଖ୍ୟ ଡାକଘରେ ଆଧାରକାର୍ଡ ସଂଶୋଧନ ସକାଶେ ଠେଲାପେଲା ହୋଇଥିବା ଦେଖିବାକୁ ମିଳିଛି। ଆଧାରକାର୍ଡରେ ନିଜ ନାମ ଓ ମୋବାଇଲ ନମ୍ବର ସଂଶୋଧନ ପାଇଁ ଅନେକ ଶହ ଲୋକ ଭିଡ଼ ଜମାଇବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବଡ଼ି ସକାଳୁ ସୋର ବ୍ଲକ ଅଧୀନ ବିଭିନ୍ନ ଗ୍ରାମପଞ୍ଚାୟତ ଓ ପୌର ପରିଷଦର ମହିଳା, ପୁରୁଷ, ଯୁବତୀ, ଯୁବକ ଓ ଛୋଟ ପିଲା ମୁଖ୍ୟ ଡାକଘର ଗେଟ୍ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ପୂର୍ବାହ୍ନ ୧୦ଟା ସମୟରେ ଡାକଘର ଗେଟ୍ ତାଲା ଖୋଲିବା ମାତ୍ରେ ଲୋକେ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ ସେଠାରେ ଠେଲାପେଲା ସହ ଦଳାଚକଟା ହୋଇଥିଲା। ଖବରପାଇ ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଧାଡ଼ି କରାଇଥିଲା। ପରେ ଲୋକେ ଆଧାର ସଂଯୋଗ କରିଥିଲେ। 'ସୁଭଦ୍ରା' ଯୋଜନା ଓ ରାଶନ କାର୍ଡ ପାଇଁ ଆଧାରକାର୍ଡ ଜରୁରୀ ହୋଇଥିବାରୁ ଗ୍ରାମାଞ୍ଚଳ ଜନସାଧାରଣ ସଂଶୋଧନ ପାଇଁ ବିଭିନ୍ନ ଜନସେବା କେନ୍ଦ୍ର ଓ ଆଧାର କେନ୍ଦ୍ରରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି।

## ବ୍ୟାଙ୍କ, ଜନସେବା କେନ୍ଦ୍ରରେ ଭିଡ଼

**ଭୋଗରାଇ,୪।୯(ପ୍ରଦୀପ ଦାସ)** ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଜନସେବା କେନ୍ଦ୍ର ଓ ବ୍ୟାଙ୍କରେ ଲୋକେ ଭିଡ଼ ଜମାଉଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ବୁଧବାରଠାରୁ ସୁଭଦ୍ରା ଯୋଜନାରେ ମହିଳାଙ୍କ ଆବେଦନପତ୍ର ମୋ ସେବାକେନ୍ଦ୍ର ଓ ଜନସେବା କେନ୍ଦ୍ରରେ ଗ୍ରହଣ କରାଯାଉଛି। ବ୍ୟାଙ୍କ ଖାତାରେ ଡିବିଟି ସଂଯୋଗ ହୋଇ ନ ଥିବା ହିତାଧିକାରୀମାନେ ବ୍ୟାଙ୍କକୁ ଯାଇ ଲମ୍ବା ଲାଇନ୍ ଲଗାଉଛନ୍ତି। ପ୍ରବଳ ଭିଡ଼ ଯୋଗୁ ଅନେକ ହିତାଧିକାରୀ ଅଣନିଶ୍ୱାସୀ ହୋଇ ପଡୁଥିବା ଦେଖିବାକୁ ମିଳୁଛି।

# ଜିଲାରେ ଖୋଲିଛି ୨୨୦୦ ସୁଭଦ୍ରା କ୍ୟାମ୍ପ୍

- ଆଧାର କାର୍ଡ ପାଇଁ ୨୫୮ କେନ୍ଦ୍ର ଚିହ୍ନଟ
- ଆବେଦନ ପାଇଁ ପର୍ଯ୍ୟାପ୍ତ ସମୟ ରହିଛି : ଜିଲାପାଳ
- ଭିଡ଼ ନିୟନ୍ତ୍ରଣ ପାଇଁ ହେବ ପୋଲିସ ପାଟ୍ରୋଲିଂ : ଏସ୍‌ପି

**ବାଲେଶ୍ୱର,୪।୯(ବାଞ୍ଛାନିଧି ଦେ)**



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଏସ୍‌ପିଙ୍କ ସହ ପ୍ରଶାସନିକ ଅଧିକାରୀ।

ବାଲେଶ୍ୱର ଜିଲାରେ 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୁଧବାର ସଦ୍‌ଭାବନା ସଭାଗୃହରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ଏକ ଖବରଦରତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

'ସୁଭଦ୍ରା' ଯୋଜନାରେ ଆବେଦନ ପାଇଁ ପର୍ଯ୍ୟାପ୍ତ ସମୟ ଅଛି। ଏହା ନିରନ୍ତର ପ୍ରକ୍ରିୟା। ଏଥିପାଇଁ ଜିଲାରେ ମୋଟ୍ ୨୨୦୦ଟି ସୁଭଦ୍ରା କ୍ୟାମ୍ପ୍ ଖୋଲା ଯାଇଛି। ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ୮ ଲକ୍ଷ ଫର୍ମ ପ୍ରଦାନ କରାଯାଇଛି। ହିତାଧିକାରୀମାନେ ଦରଖାସ୍ତ ଫର୍ମ ଅଙ୍ଗନୱାଡି କେନ୍ଦ୍ରରୁ ଗ୍ରହଣ କରିପାରିବେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟର 'ସୁଭଦ୍ରା' ସହାୟତା କେନ୍ଦ୍ରରେ ଯୋଗାଯୋଗ କରିପାରିବେ। ଯୋଗ୍ୟ ହିତାଧିକାରୀ ଆବଶ୍ୟକୀୟ କାଗଜପତ୍ର ନେଇ ଚିହ୍ନଟ ହୋଇଥିବା ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଜନ ସେବା କେନ୍ଦ୍ରଠାରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ ଇ-କେୱାଇସିର ବ୍ୟବସ୍ଥା ଅଛି। ହିତାଧିକାରୀଙ୍କ ଅନୁପସ୍ଥିତିରେ ପଞ୍ଜୀକରଣ ହୋଇପାରିବ ନାହିଁ। ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ନିଷ୍କ୍ରିୟ ଥିବା ଆଧାର କାର୍ଡଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ କରିବା ପାଇଁ ଜିଲାରେ ମୋଟ୍ ୨୫୮ଟି ଆଧାର କେନ୍ଦ୍ର ଚିହ୍ନଟ କରାଯାଇଛି। ଏହି ପରିବର୍ତ୍ତନ ନିମନ୍ତେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ବାୟୋମେଟ୍ରିକ୍ ଅପଡେସନ୍ ପାଇଁ ୧୦୦ଟଙ୍କା ଓ ଡେମୋଗ୍ରାଫିକ୍ ଅପଡେସନ୍ ପାଇଁ ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ସେହିପରି ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରସ୍ତୁତି ବିଷୟରେ ଏସ୍‌ପି ନାଥ ଅବଗତ କରାଇଥିଲେ। ଜନ ଗହଳି ହେଉଥିବା କେନ୍ଦ୍ରଗୁଡ଼ିକ ପରିସରରେ ପୋଲିସ ପାଟ୍ରୋଲିଂ କରାଯାଇ ଭିଡ଼ ନିୟନ୍ତ୍ରଣ ପାଇଁ ସମସ୍ତ ସୁବନ୍ଦୋବସ୍ତ କରାଯାଇଛି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ବିଡ଼ିଓ, ତହସିଲଦାର ଓ ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରିମଣି ନାୟକ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ସୁଭଦ୍ରା ଯୋଜନାର ଜିଲା ନୋଡାଲ ଅଧିକାରୀ ପୁରୁଷୋତ୍ତମ ମିଶ୍ର, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଓ ଡିପିସି ମମତା ବାମଦେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖଟିଆରେ ବୁହାହେଲେ ରୋଗୀ

**ଜଳେଶ୍ୱର,୪।୯(ନବୀନ ସାହୁ)**

ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ପାରିଲାନି। ଫଳରେ ପରିବାର ଲୋକେ ଏକ କି.ମି ରୋଗୀଙ୍କୁ ଖଟିଆରେ ବୋହି ନେବା ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତର ଅସ୍ତଡ଼ିହା ଗାଁରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ମୁଖ୍ୟରାସ୍ତାରୁ ଅସ୍ତଡ଼ିହା ଗାଁକୁ ଦେଢ଼ କି.ମି. ରାସ୍ତା। କେବଳ ଅସ୍ତଡ଼ିହା ଗାଁ ନୁହେଁ ପାଖରେ ଥିବା ଶିଆଳଗଡ଼ିଆ ଓ ପୁତୁତା ଗାଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଶିଆଳଗଡ଼ିଆ ଗାଁର ରେଖାବତୀ ସିଂ(୩୦) କୌଣସି କାରଣରୁ ଆହତ ହୋଇଥିଲେ। ଖବରପାଇ ତାଙ୍କୁ ହାତୀଗଡ଼ ହସ୍ପିଟାଲକୁ ନେବା ପାଇଁ ଗାଁକୁ ଆମ୍ବୁଲାନ୍ସ ଆସିଥିଲା। ମାତ୍ର ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ଏକ ଖାଲରେ ଦବି ଯାଇଥିଲା। ଫଳରେ ଆମ୍ବୁଲାନ୍ସର ଚକ ଆଉ ଆଗକୁ ଗଡ଼ି ନ ଥିଲା। ପରିବାର ଲୋକେ ଆହତ ମହିଳାଙ୍କୁ ଏକ ଖଟିଆରେ ବୋହି ୧ କି.ମି. ଦୂରରେ ଥିବା ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ସେଠାରୁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏ ନେଇ ପଞ୍ଚାୟତର ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ ଦୁଃଖ ପ୍ରକାଶ କରିଛନ୍ତି। ଗ୍ରାମବାସୀ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।



ମହିଳାଙ୍କୁ ଖଟିଆରେ ବୋହି ନିଆଯାଉଛି।

## ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

**ଗୋଷ୍ଠୀ ସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ 'ସିଟୁସି'**

**ବାଲେଶ୍ୱର,୪।୯(ବାଞ୍ଛାନିଧି ଦେ)** ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗ ତରଫରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୋଷ୍ଠୀ ସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ 'ସିଟୁସି' (କ୍ଲାସ ରୁମ୍‌ରୁ ଗୋଷ୍ଠୀ) ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସମାଜସେବା ବିଭାଗର ଛାତ୍ରୀଛାତ୍ରମାନେ ନିକଟସ୍ଥ ରସଲପୁର ଗ୍ରାମରେ ଏକ ଜନସଚେତନା ସହ ବ୍ୟକ୍ତିଗତ ଭାବେ ଲୋକଙ୍କ ସହିତ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ଏକ ନୂତନ କାର୍ଯ୍ୟାବଳୀ ପ୍ରସ୍ତୁତ କରାଯାଇ ଲୋକଙ୍କ ବହୁବିଧ ସମସ୍ୟା ଯଥା ବାଳିକାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ, ମହାମାରୀ ରୋଗର ନିରାକରଣ, ନିଶା ନିବାରଣ ଇତ୍ୟାଦି ସମ୍ପର୍କିତ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଘରକୁ ଘର ଯାଇ ଏହି ସଚେତନଶୀଳ ବାର୍ତ୍ତା ପହଞ୍ଚାଇଥିଲେ। ଛାତ୍ର ପ୍ରତିନିଧି ଶ୍ରଦ୍ଧାଞ୍ଜଳି ସାମଲ ଗ୍ରାମବାସୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାତ୍ରାଧିକ ଗୋଷ୍ଠୀ ପାଖରେ ପହଞ୍ଚାଇବା ସହ ଆଗାମୀ ସପ୍ତାହଠାରୁ ପୋଷଣ ମାସ ପାଳନ କରିବା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା ବୃଦ୍ଧାଶ୍ରମ, ବାଳାଶ୍ରମ, କାରାଗାର ଇତ୍ୟାଦି ପରିଦର୍ଶନ ସହ ସେଠାକାର ଲୋକଙ୍କୁ ଭେଟି ସମସ୍ୟା ସହ ଅବଗତ ହେବା ନେଇ ପ୍ରୟାସ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




ରସଲପୁର ଗ୍ରାମବାସୀଙ୍କ ଗହଣରେ ଛାତ୍ରୀମାନେ।

## ଭାଜପାର ବ୍ଲକସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା

**ଖଇରା,୪।୯(ଉତ୍କଳବନ୍ଧୁ ପଣ୍ଡା)** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲିଠାରେ ମଙ୍ଗଳବାର ଭାଜପାର ବ୍ଲକସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟତା ଅଭିଯାନର ପ୍ରମୁଖ ନୀଳାମ୍ବର ପଣ୍ଡା ଏହି କର୍ମଶାଳାରେ ସଭାପତିତ୍ୱ କରିଥିଲେ। ପର୍ଯ୍ୟବେକ୍ଷକ ତଥା ଜିଲା ସହ ସଂଯୋଜକ ରାଜେଶ କୁମାର ମହାକୁଡ଼, ମଣ୍ଡଳ ସଭାପତି ମହେଶ୍ୱର ନାଥ, ମଣ୍ଡଳ କାର୍ଯ୍ୟକାରିଣୀ ସଭାପତି ଶଙ୍କର୍ଷଣ ମାଝୀ, ରାଜ୍ୟକାରିଣୀ ସଦସ୍ୟ ନିରଞ୍ଜନ ବେହେରା ଓ ଅଜୟ ବେହେରା, ବରିଷ୍ଠ ନେତା ସନ୍ତୋଷ ଶତପଥୀ, ଆନନ୍ଦ ନାୟକ, ରାଧାକାନ୍ତ ପାତ୍ର, ଶଶାଙ୍କ ମହାପାତ୍ର, ବିଧାୟକ ପ୍ରତିନିଧି ଡ.ନିଳମାଧବ ପଣ୍ଡା ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ। ନେତୃବୃନ୍ଦ ସଦସ୍ୟତା ଗ୍ରହଣ କରିବା ଉପରେ ବିସ୍ତୃତ ସୂଚନା ଦେଇଥିଲେ। ସଦସ୍ୟତା ଗ୍ରହଣରେ ସିମୁଳିଆ ନିର୍ବାଚନ ମଣ୍ଡଳୀ କିଭଳି ୧ନଂ.ହୋଇ ପାରିବ ସେଥିପାଇଁ ସମସ୍ତେ ଏକ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ।

## ଟଙ୍କା ନ ଦେବାରୁ ପିଉସୀଙ୍କୁ ହତ୍ୟା

- ଦୋଷ ଲୁଚାଇବାକୁ କୂଅରେ ଫିଙ୍ଗିଥିଲେ ଛୁରି
- ଅଭିଯୁକ୍ତ ପୁତୁରା ଗିରଫ

**ବେତନଟୀ,୪।୯(ଧରଣୀଧର ମହାନ୍ତି)**

ଟଙ୍କା ନ ଦେବାରୁ ପିଉସୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି ପୁତୁରା। ଏପରିକି ଦୋଷ ଲୁଚାଇବାକୁ ଛୁରିକୁ କୂଅରେ ଫିଙ୍ଗିଦେବା ସହ ମା'ଙ୍କୁ ଫୋନ୍ କଲ୍ କରି ପିଉସୀ ତଳେ ପଡ଼ିଯାଇଥିବା ଜଣାଇଥିଲେ ଯୁବକ। ପଡ଼ୋଶୀ ସତ ଜାଣିପାରି ପାଟି କରିବାରୁ ଅଭିଯୁକ୍ତ ଯୁବକ ଖସିଯିବାକୁ ଚେଷ୍ଟା କରିଥିଲେ। ପଡ଼ୋଶୀମାନେ ତାଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପକାଇଥିଲେ। ବୁଧବାର ଅପରାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦହିକୋଟି ଗ୍ରାମରେ। ମୃତା ମହିଳା ହେଲେ ଗ୍ରାମର ଚାରୁଲତା ମିଶ୍ର। ପୋଲିସ ଅଭିଯୁକ୍ତ ଚାରୁଲତାଙ୍କ ପୁତୁରା ତନ୍ମୟ ମିଶ୍ର(୨୧)ଙ୍କୁ ଗିରଫ କରିଛି। ଏନେଇ ମୃତା ଚାରୁଲତାଙ୍କ ଭାଇ ବ୍ରଜରାଜ ମିଶ୍ରଙ୍କ ଲିଖିତ ଅଭିଯୋଗକ୍ରମେ ବେତନଟୀ ଥାନାରେ ଏକ ହତ୍ୟା ମାମଲା (ନଂ.୨୬୩/୨୪) ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ତନ୍ମୟ ବାରିପଦାର ଏକ ଘରୋଇ କଲେଜରେ ଡିପ୍ଲୋମା ପଢୁଥିବା ବେଳେ ଘରକୁ ବୁଲିବାକୁ ଆସିଥିଲେ। ତନ୍ମୟଙ୍କ ମା' ଜଣେ ଶିକ୍ଷୟିତ୍ରୀ ହୋଇଥିବାରୁ ସେ ସ୍କୁଲରେ ଥିଲେ। ତନ୍ମୟ ଘରେ ଥିବା ପିଉସୀ ଚାରୁଲତାଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ଏଥିରେ ଉତ୍ୟକ୍ତ ହୋଇ ତନ୍ମୟ ଏକ ଧାରୁଆ ଛୁରିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତନ୍ମୟ ଛୁରିକୁ ଘର ସମ୍ମୁଖରେ ଥିବା ଏକ କୂଅରେ ପକାଇ ଦେଇଥିବା ବେଳେ ପିନ୍ଧିଥିବା ପୋଷାକକୁ ସଫା କରି ଶୁଖାଇ ଦେଇଥିଲେ। ଖବରପାଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ ସମେତ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ତନ୍ମୟଙ୍କୁ ଗିରଫ କରିଥିଲା। ବାରିପଦାରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛି।



ଅଭିଯୁକ୍ତଙ୍କୁ ଏକ ଖୁଣ୍ଟରେ ବାନ୍ଧି ପକାଇଛନ୍ତି ପଡ଼ୋଶୀ।

## ଅଭିଯୋଗ ମାତ୍ରେ କାର୍ଯ୍ୟାନୁଷ୍ଠାନ

**ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କଲେ ଗରସଙ୍ଗ ଗ୍ରାମବାସୀ**

**ଖଇରା,୪।୯ (ଉତ୍କଳବନ୍ଧୁ ପଣ୍ଡା)**



ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ରବିବାର ରାତିରେ ଦୁର୍ବୃତ୍ତମାନେ ଏସି, ପାଣିପମ୍ପ ଓ ମେଡିସିନ ସାମଗ୍ରୀ ଚୋରାଇ ନେଇଥିଲେ। ଆରୋଗ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ମୁକ୍ତିକାନ୍ତ ସ ଅଭିଯୋଗ କରିବାର ଦିନକ ମଧ୍ୟରେ ସିମୁଳିଆ ଆଇଆଇସି ସୁର୍ଣ୍ଣଲତା ମିଞ୍ଜ ନିଜର ଦକ୍ଷତା ଦେଖାଇ ଚୋରିରେ ସମ୍ପୃକ୍ତ ଥିବା ଜାମୁଝାଡ଼ି ଗ୍ରାମର ନିରାକାର ପ୍ରଧାନ ଓ ଶିବ ଦାସ ଏବଂ ବାଦୁଲି ଗ୍ରାମର କାହ୍ନୁ ଚରଣ ବେହେରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲେ। ସେହିଭଳି ଜୁଲାଇ ୨୧ତାରିଖରେ ସେହି ଗରସଙ୍ଗରୁ ଚୋରି ଘଟଣାରେ ଆଇଆଇସି ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଗ୍ରାମବାସୀ ଆଇଆଇସିଙ୍କ କାର୍ଯ୍ୟରେ ଖୁସି ହୋଇ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ସିମୁଳିଆ ଥାନାକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

**ବାଲିଆପାଳ,୪।୯(ଅମୂଲ୍ୟ କୁମାର ଦାସ)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ବାତ୍ୟା ଆଶ୍ରୟସ୍ଥଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଦୁଇଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ଲାଗି ସହାୟକ ଉପକରଣ (ଆସିଷ୍ଟିଭ ଡିଭାଇସ୍) ବଣ୍ଟନ କରାଯାଇଛି।

ବାଲେଶ୍ୱର ଜିଲାର ରେମୁଣା, ବସ୍ତା ଓ ବାଲିଆପାଳ ବ୍ଲକର ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗମାନଙ୍କ ଚଳପ୍ରଚଳରେ ଉନ୍ନତି ଆଣିବା ସହ ସେମାନଙ୍କ ଜୀବନର ସାମଗ୍ରିକ ଗୁଣାତ୍ମକ ମାନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହି ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରସ୍ତାବିତ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ୍‌ର କାର୍ଯ୍ୟକାରୀ ବ୍ଲକର ବିଭିନ୍ନ ଗ୍ରାମଗୁଡ଼ିକରୁ ୩୮ ଜଣ ଦିବ୍ୟାଙ୍ଗ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କୁ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାର ସହାୟକ ଉପକରଣ ଦିଆଯାଇଥିଲା। ଏଥିରେ ୨୨ଟି କୃତ୍ରିମ ଅଙ୍ଗ, ୧୦ଟି ଏଲବୋ କ୍ଲଚ ଓ ୨ ଆଶା ବାଡ଼ି ବଣ୍ଟନ କରାଯାଇଛି।




ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଉଛି।

## ଆଦିବାସୀଙ୍କ ପ୍ରତି ଅଣଦେଖା: ଦେବାଶିଷ

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭାଙ୍ଗିବା ପ୍ରସଙ୍ଗ**

**ବାରିପଦା,୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ):**

ବିଜେଡି ସରକାର ସମୟରେ ଗଠନ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ରାଜ୍ୟ ଭାଜପା ସରକାର ଭାଙ୍ଗିଦେବା ପ୍ରସଙ୍ଗକୁ ନେଇ ମୁହଁ ଖୋଲିଛନ୍ତି ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି। ସେ କହିଛନ୍ତି ଯେ, ଆଦିବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ନେଇ ଗଠନ ହୋଇଥିଲା ଆଦିବାସୀ ଉନ୍ନୟନ ପରିଷଦ। ସାରା ଭାରତ ବର୍ଷରେ କେବଳ ଓଡ଼ିଶାରେ ଏହି ପରିଷଦ କାର୍ଯ୍ୟକରି ଆଦିବାସୀଙ୍କ ରୀତିନୀତିରେ ଉନ୍ନତି ହୋଇପାରୁଥିଲା। ସେମାନଙ୍କ ଜୀବନ ଜୀବିକାରେ କୌଣସି ପରିବର୍ତ୍ତନ ହେଉ ନ ଥିଲେ ମଧ୍ୟ ଜୀବନ ଶୈଳୀରେ ସୁଧାର ହୋଇପାରୁଥିଲା। ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀଙ୍କ ପ୍ରତି ଗୁରୁତ୍ୱ ପ୍ରଦାନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ ଜାରି ରଖିଥିଲେ। ୩୦୦୦ ଜାହିରା (ପୂଜାସ୍ଥଳ)ର ଉନ୍ନତୀକରଣ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ କରି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ଯୁବକମାନଙ୍କୁ ସୁଯୋଗ ଦେଇ ରାଜ୍ୟସ୍ତରୀୟ ଖେଳାଳି ଭାବେ ପରିଚୟ ଦେଉଥିଲେ। ବାଦ୍ୟ ଯନ୍ତ୍ରଠାରୁ ଆରମ୍ଭ କରି ଆଦିବାସୀଙ୍କ ବେଶଭୂଷା ଉପରେ ଗୁରୁତ୍ୱାରୋପ କରୁଥିଲେ। ଆଦିବାସୀଙ୍କ ମୌଳିକ ଜୀବନ ଶୈଳୀକୁ ସମ୍ମାନ ଦେବା ପାଇଁ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ସମ୍ମାନ ଜଣାଉଛି। ଏହାକୁ ଜାରି ରଖିବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି ଜଣାଉଛି। ତେବେ ଭାଜପା ସରକାର ଆଦିବାସୀଙ୍କ ପ୍ରତି ଗୁରୁତ୍ୱ ଦେଉଥିବା କହୁଥିବା ବେଳେ ଏଭଳି ଏକ ଯୋଜନା ବନ୍ଦ କରିବା ଆଦିବାସୀଙ୍କ ପ୍ରତି ଅଣଦେଖା ସଦୃଶ ହୋଇପଡ଼ିବ।



## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବାହାନଗା,୪।୯(ଅରୂପ୍ କୁମାର ଦାସ)** ବାହାନଗା ବ୍ଲକ ପଣ୍ଡାଶୁଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣୀ ସଭାରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରୋହିଆ ଟୁଡୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷାଧିକାରୀ ଅଶୋକ କୁମାର ନାୟକ, ମୁଖ୍ୟବକ୍ତା ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମାଣିକ ମିଶ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସମ୍ପାଦକ ଅଶୋକ କୁମାର ରାଉତ, ସିଆର୍‌ସିସି କାମାକ୍ଷା ପ୍ରସାଦ ଦାଶ, ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଭୋଇ, ସୁବାସ କୁମାର ପାଢ଼ୀ, କୃତିବାସ ଚନ୍ଦ୍ର ବେଜ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ୧୧୨ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଆର୍‌ସିସି ଗୋପାଳ ଚନ୍ଦ୍ର ଯେନା ଧନ୍ୟବାଦ ଦେଇଥିଲେ।

## ହଳଦୀପଦା-ବାହାବଳପୁର ୪ ଥାକିଆ ରାସ୍ତା ଦାବି

- ମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ
- ମତ୍ସ୍ୟ ରପ୍ତାନି ପାଇଁ ହେବ ଗମନାଗମନର ସୁବିଧା

**ବାଲେଶ୍ୱର,୪।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ନିର୍ବାଚନମଣ୍ଡଳୀର କଷାଫଳ ମୁହାଣରେ ଥିବା ବାହାବଳପୁର ମାଛଧରା ଜେଟି ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର। ସେଠାରୁ ବିଭିନ୍ନ ରାଜ୍ୟକୁ ମାଛ ରପ୍ତାନୀ ହୋଇଥାଏ। ହେଲେ ୧୬ନଂ. ଜାତୀୟ ରାଜପଥର ହଳଦୀପଦାଠାରୁ ବାହାବଳପୁର ପର୍ଯ୍ୟନ୍ତ ଥିବା ସଂକୀର୍ଣ୍ଣ ଓ ଖାଲଖମା ରାସ୍ତା ଯୋଗୁ ଭାରିଯାନ ଯାତାୟତ ବାଧାପ୍ରାପ୍ତ ହୋଇଥାଏ। ବାହାବଳପୁର ମାଛଧରା କେନ୍ଦ୍ର ସମେତ ସାର୍ଥା, ଦୁବଲାଗଡ଼ି, ପରିଖି ଆଦି ଅଞ୍ଚଳରୁ ଚିଙ୍ଗୁଡ଼ି ରପ୍ତାନୀ ପାଇଁ ଏହି ରାସ୍ତା ବାଧକ ସାଜିଛି। ରାଜ୍ୟସରକାରଙ୍କ ପକ୍ଷରୁ ଏଠାରେ ୪ ଥାକିଆ ରାସ୍ତା ପାଇଁ ଯୋଜନା ଓ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏନେଇ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରି ଏହି ପ୍ରକଳ୍ପକୁ ଅନୁମୋଦନ ସହ କାର୍ଯ୍ୟାରମ୍ଭ ପାଇଁ ବିଧାୟକ ମାନସ କୁମାର ଦତ୍ତ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି।

୧୬ନଂ ଜାତୀୟ ରାଜପଥର ହଳଦୀପଦା ବାଇପାସଠାରୁ ସୋଲପଟା ଦେଇ ବାହାବଳପୁର ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ପର୍ଯ୍ୟନ୍ତ ୧୫.୫ କିମି ଲମ୍ବର ଏହି ରାସ୍ତା ନିର୍ମାଣ ପାଇଁ ୪୮୬.୬୫ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ଏହି କେନ୍ଦ୍ର ଜିଲାର ଏକ ପ୍ରମୁଖ ଅର୍ଥନୈତିକ ଯୋଗାଯୋଗ କରିଡର ହୋଇଥିବା ବେଳେ ଏହାର ସଫଳ କାର୍ଯ୍ୟକାରିତାରେ ପାରାଦ୍ୱୀପ ଓ ହଳଦିଆ ବନ୍ଦର ଉପରେ ନିର୍ଭରଶୀଳ ସାମୁଦ୍ରିକ ମତ୍ସ୍ୟ ଓ ଚିଙ୍ଗୁଡ଼ି ରପ୍ତାନୀକୁ ପ୍ରୋତ୍ସାହନ ମିଳିପାରିବ। ଏହି ପ୍ରକଳ୍ପର ଅନୁମୋଦନ ପୂର୍ବକ ସଫଳ କାର୍ଯ୍ୟକାରିତା ପାଇଁ ବିଧାୟକ ଦତ୍ତ, ମନ୍ତ୍ରୀ ହରିଚନ୍ଦନଙ୍କୁ ନିବେଦନ କରିଛନ୍ତି।



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବିଧାୟକ।

## ୬୫ ଲିଟର ମଦ ଜବତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ପକ୍ଷରୁ ବୁଧବାର ହାରାପଶି ଗ୍ରାମରେ ଚଢ଼ାଉ କରି ୬୫ ଲିଟର ମହୁଲି ମଦ ଓ ୩ ହଜାର କିଗ୍ରା ପୋଚ ଜବତ କରି ନଷ୍ଟ କରିଛି। ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମକୁ ଜବତ କରାଯାଇଛି। ଘଟଣାସ୍ଥଳରୁ ମଦ ବ୍ୟବସାୟୀ ଛତ୍ରଭଙ୍ଗ ଦେଇଥିଲେ। ତୁରୁମୁଙ୍ଗା ଥାନାରେ ୩ ପୃଥକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଚଢ଼ାଉରେ ତୁରୁମୁଙ୍ଗା ଥାନା ଅଧିକାରୀଙ୍କ ସମେତ ଏସ୍‌ଆଇ ଅନୁସୟା ସେଠୀ, ଏଏସ୍‌ଆଇ ବିରେନ୍ଦ୍ର କିଶୋର ବେହେରାଙ୍କ ସମେତ ୨ ପ୍ଲାଟୁନ୍ ଫୋର୍ସ ସାମିଲ ଥିଲେ।

## କେନ୍ଦୁଝର

## ସଂକ୍ଷେପରେ

### ଯୁବକଙ୍କୁ କଚାଡ଼ି ଦେଲା ହାତୀ

ପାଟଣା,୪ା୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଉଦୟପୁର୍ ବିଟ୍ ହରିଚନ୍ଦନପୁର କାଜୁ ବଗିଚାରେ ଜଣେ ଯୁବକଙ୍କୁ ହାତୀ ଶୁଣ୍ଢରେ କଚାଡ଼ି ଦେଇଛି। ଯୁବକ ଗୁରୁତର ହୋଇଥିବା ବେଳେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ଯମୁନାପଶି ଗ୍ରାମର ରଷିବର ମହାନ୍ତଙ୍କ ପୁଅ ଭୋଳାନାଥ (୧୯)। ସୂଚନା ଅନୁଯାୟୀ, ୭ ଟିକିଆ ହାତୀପଲ ହରିଚନ୍ଦନପୁର କାଜୁ ବଗିଚାରେ ଡେରା ପକାଇଥିଲେ। ହାତୀପଲଙ୍କୁ ଲୋକେ ଘଉଡ଼ାଉଥିବା ବେଳେ ହାତୀ ଉତ୍କ୍ଷିପ୍ତ ହୋଇ ଲୋକଙ୍କୁ ଦୌଡ଼ାଇଥିଲେ। ହାତୀ ଦେଖିବାକୁ ଯାଇଥିବା ଭୋଳାନାଥ ଏକ ମାଈ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫରେଷ୍ଟ ଗାର୍ଡ ଦୀପକ କୁମାର ରଣା ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଭୋଳାନାଥଙ୍କ ବାମ ଗୋଡ଼ ଜଙ୍ଘ ଓ ନଳୀ ଗୋଡ ଭାଙ୍ଗିଯାଇଥିବା ଡା. ଅଭିଷେକ ସାହୁ କହିଛନ୍ତି। ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି। ହାତୀପଲରେ ୩ ଦନ୍ତା, ୨ ମାଈ ଓ ୨ଛୁଆ ରହିଥିବା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି। ବୁଧବାର ସନ୍ଧ୍ୟାରେ ହାତୀପଲ ହରିଚନ୍ଦନପୁର ଗ୍ରାମ୍ୟ ଜଙ୍ଗଲରେ ଡ଼େରା ପକାଇଛନ୍ତି।

### ନଦୀରେ ବୁଡ଼ି ଯୁବକ ନିଖୋଜ

ଯୋଡ଼ା,୪ା୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ କଣ୍ଡରା ଗ୍ରାମ ନିକଟ ବୈତରଣୀ ନଦୀରେ ବୁଧବାର ଗାଧୋଇବାକୁ ଯାଇ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ହେଲେ ଗ୍ରାମର ସଞ୍ଜୀବ ନାଏକ। ସେ ଗ୍ରାମର ୬ ସାଙ୍ଗଙ୍କ ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବସତଃ ସଞ୍ଜୀବ ନଦୀରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେବା ପରେ ଖୋଜାଖୋଜି ଆରମ୍ଭ ହୋଇଛି।

### ହରିଜନ ଶବ୍ଦ ବ୍ୟବହାରକୁ ବିରୋଧ

କେନ୍ଦୁଝର,୪ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଅନୁସୂଚିତ ଜାତି ଏକତା ମଞ୍ଚ ପକ୍ଷରୁ ହରିଜନ ଶବ୍ଦ ବ୍ୟବହାରକୁ ବିରୋଧ କରାଯାଇଛି। ଜମିବାଡି କିଣାବିକା ସମୟରେ, କବଲା ଉପରେ ହରିଜନ ଶବ୍ଦ ବ୍ୟବହାର ନ କରିବାକୁ ମଞ୍ଚ ପକ୍ଷରୁ କେନ୍ଦୁଝର ସବ୍ ରେଜିଷ୍ଟ୍ରାର ଅଧିକାରୀଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ଆଇନ ଅନୁଯାୟୀ, ହରିଜନ ଶବ୍ଦ ବ୍ୟବହାର ପାଇଁ ପ୍ରତିବନ୍ଧକ ରହିଛି। ଏଣୁ ସରକାରୀସ୍ତରରେ ଏହି ଶବ୍ଦ ବ୍ୟବହାର ମନା କରାଯାଇଛି ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ନିରୋଧ ଚନ୍ଦ୍ର ବେହେରା, ସୁଢଳ କୁମାର ସେଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ପବିତ୍ର ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବଉଳା,୪ା୯(ଦୁର୍ଗାପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଡ଼ା ଗ୍ରାମର ବନମାଳି ଜେନାଙ୍କ ସ୍ତ୍ରୀ ଲଳିତା ଜେନା (୬୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ବୁଧବାର ଭୋରୁ ଉଠି ବାହାରକୁ ଯାଉଥିବା ବେଳେ ସାପ କାମୁଡ଼ିଥିଲା। ପୁଅ ସନ୍ତୋଷ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଲଳିତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଚମ୍ପୁଆ,୪ା୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ହସ୍ତିନାପୁର ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ଗ୍ରାମର ରିଡ ମୁଣ୍ଡାଙ୍କ ସ୍ତ୍ରୀ ସୁକୁରା ମୁଣ୍ଡା(୨୧)। ନିଜର ଓଢ଼ଣୀ ସାହାଯ୍ୟରେ ଘର ଭିତରେ ଝୁଲିପଡ଼ିଥିଲେ। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ୱାମୀ, ସ୍ତ୍ରୀ ହସ୍ତିନାପୁର ଏଏନ୍‌ଏମ ସେଣ୍ଟରରୁ ଘରକୁ ଫେରିବା ପରେ ସ୍ୱାମୀ ୨ ହଜାର ଟଙ୍କା ମାଗିଥିଲେ। ସ୍ତ୍ରୀ ଟଙ୍କା ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଅତ୍ୟଧିକ ମ୍ରିୟମାଣ ହୋଇ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଚମ୍ପୁଆ ପୋଲିସ ସଦଳବଳେ ପହଞ୍ଚି ଏକ ମାମଲା(ନଂ.୩୧/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଥିବା ଥାନା ଅଧିକାରିଣୀ ରେବତୀ ବୁଡ଼ା ସୂଚନା ଦେଇଛନ୍ତି।

# ଡ୍ରେନ୍ ସଫା ହେଉନି, ଆବର୍ଜନା ଉଠୁନି

## କେନ୍ଦୁଝରଗଡ଼ ପୌରପାଳିକା

■ଡେଙ୍ଗୁ ମୃତ୍ୟୁ ପରେ ବି ନିଘା ନାହିଁ

କେନ୍ଦୁଝର,୪ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌର ପ୍ରଶାସନର ଅବହେଳା ଯୋଗୁ କେନ୍ଦୁଝର ଜିଲା ମୁଖ୍ୟାଳୟରେ ସ୍ୱାସ୍ଥ୍ୟ ଓ ପରିବେଶ ଅବସ୍ଥା ଗୁରୁତର ହୋଇପଡୁଛି। ଜିଲାରେ ଡେଙ୍ଗୁରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ମଧ୍ୟ ପ୍ରଶାସନର ନିଘା ନାହିଁ। ସଦର ନିର୍ବାଚନମଣ୍ଡଳୀର ବିଧାୟକ ଏବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବା ସତ୍ତ୍ୱେ ନିର୍ବାଚନମଣ୍ଡଳୀ ତଥା ଜିଲାର ମୁଖ୍ୟାଳୟର ପରିବେଶ ସୁଧାରିବା ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଡ୍ରେନ୍ ସଫା ହେଉ ନ ଥିବା ବେଳେ ଅନେକ ସ୍ଥାନରେ ଡ୍ରେନ୍ ସୁବିଧା ନ ଥିବାରୁ ପାଣି ରାସ୍ତାରେ ଭାସିବା ସହ ଘରେ ପଶୁଥିବା ଦେଖାଯାଉଛି। ଆବର୍ଜନା ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ରାସ୍ତାକଡ଼, ସହର ମଧ୍ୟରେ ମଇଳା ଜମାହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଧୁମଧାମରେ ପାଳନ ହେଉଥିଲେ ହେଁ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି।

ପ୍ରକାଶ ଯେ, ୨୧ ୱାର୍ଡକୁ ନେଇ ଗଠିତ କେନ୍ଦୁଝର ପୌରପାଳିକାରେ ଜନସଂଖ୍ୟା ୬୦ରୁ ଊର୍ଦ୍ଧ୍ୱ ରହିଛି। ଗାନ୍ଧୀଛକ ନିକଟରେ ଥିବା ଅସୁରକ୍ଷିତ ପୌରପାଳିକା ମାର୍କେଟ ଦୁର୍ଗନ୍ଧମୟ ହୋଇ ମଶା, ମାଛିଙ୍କ ପ୍ରୟୋଗଶାଳାରେ ପରିଣତ ହୋଇଛି। ସେହିପରି ସହରର ସ୍ୱାଗତପଥ ଡାଙ୍ଗରପଡ଼ା, ଘୁଟୁରୁ ରାସ୍ତା ତଥା ଏନ୍‌ଏଚ୍୨୦ (ସିଦ୍ଧମଠ) କଡ଼ରେ ମଇଳା ଆବର୍ଜନା ସହରର ସୌନ୍ଦର୍ଯ୍ୟହାନି କରୁଛି। ଡାଙ୍ଗରପଡ଼ାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମାଂସମାଛ ଦୋକାନ ଭୂତକୋଠିରେ ପରିଣତ ହୋଇଛି। ବିଭିନ୍ନ ୱାର୍ଡରେ ରାସ୍ତାଘାଟ ବିପର୍ଯ୍ୟସ୍ତ ଓ ଡ୍ରେନେଜ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ନିୟମିତ ସଫେଇ ହେଉ ନ ଥିବାରୁ ମଇଳା ଆବର୍ଜନା ପୂର୍ଣ୍ଣ ଅବସ୍ଥାରେ ରହିଛି। ଅନେକ ସାହି ରାସ୍ତାରେ ପାଣି ଜମି ରହୁଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଡ୍ରେନେଜ୍ ବ୍ୟବସ୍ଥା ଶୋଚନୀୟ ହୋଇ ପଡ଼ିଥିଲେ ହେଁ ସଫେଇ ହେଉନାହିଁ। ଡ୍ରେନ୍‌ରେ ହୋଟେଲ ଓ ଲଜ୍‌ର ମଇଳାପାଣି ଛଡ଼ା ଯାଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବର୍ଷା ହେଲେ ଡ୍ରେନ୍ ପାଣି ରାସ୍ତାରେ ଗଡୁଛି ଏବଂ ଘରେ ପଶୁଛି। ବିଭିନ୍ନ ସ୍ଥାନରେ ମଇଳା ପାଣି ମାସାଧିକ କାଳ ଜମା ହୋଇ ରହିଥିଲେ ହେଁ ନିଷ୍କାସନ କରାଯାଉନାହିଁ। ଚାରିଆଡ଼େ ଅନାବନା ଗଛ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲେ ହେଁ କଟାଯାଉନାହିଁ। ଏପରିକି ମଶା ତେଲ ପକାଯାଉନାହିଁ କିମ୍ବା ମଶାଧୂଆଁ ଛଡ଼ାଯାଉନାହିଁ। ଜିଲାରେ ଡେଙ୍ଗୁରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ବିଶେଷକରି ଗରିବ ଓ ବସ୍ତିରେ ରହୁଥିବା ଲୋକମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ବେଳେ ପ୍ରତିକାର କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଜଗନ୍ନାଥପୁର, କାଶୀପୁର, ପୁରୁଣାସହର, ଡାଙ୍ଗରପଡ଼ା, ବୁଲାଦାରସାହି, ନ୍ୟୁ କଲୋନି, ଆଟପୁର, ଧୃପଦା, କଲେଜରୋଡ୍ ଆଦି ଅଞ୍ଚଳରେ ସମସ୍ୟା ଦେଖିଲେ ପୌରପାଳିକାର ସ୍ଥାଣୁତା ସ୍ପଷ୍ଟ ବାରି ହେଉପଡୁଛି। ସହରର ମୁଖ୍ୟରାସ୍ତା ଅପରିଷ୍କାର ହୋଇ ରହିଛି। ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଉନାହିଁ। ଲୋକଦେଖାଣିଆ କେତେକ ଖୁଣ୍ଟରେ ରଙ୍ଗିନ ଲାଇଟ୍ ଝୁଲାଇ ଲୋକଙ୍କୁ ଭ୍ରମିତ କରାଯାଉଛି ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି, କେନ୍ଦୁଝର ପୌରାଞ୍ଚଳର ସଫେଇ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଏହାକୁ ଅଧିକ ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ପାଇଁ ପରିଷଦ ପକ୍ଷରୁ ଉଦ୍ୟମ କରାଯାଉଛି।

# ଡିମ୍ବୋରେ ଏଥର ୧୫ ଫୁଟର ଗଣେଶମୂର୍ତ୍ତି

## ଆସୁଛନ୍ତି ଗଜାନନ

କେନ୍ଦୁଝର,୪ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଘ୍ନ ବିନାଶନ ଅଗ୍ରପୂଜ୍ୟ ଶ୍ରୀ ଗଜାନନଙ୍କ ପୂଜା ଆଗତ ପ୍ରାୟ। କେନ୍ଦୁଝର ସହରରେ ଥିବା ଶ୍ରୀଗଣେଶଙ୍କ ପୂଜାମଣ୍ଡପଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ସହର ଓ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୂଜା ବହୁ ଆଡ଼ମ୍ବରରେ ହେଉଥିବା ବେଳେ ସେଥିମଧ୍ୟରୁ କେନ୍ଦୁଝର ସହର ସନ୍ନିକଟ ଡିମ୍ବୋଠାରେ ଶ୍ରୀଗଜାନନ ପୂଜାମଣ୍ଡପ ଗୁରୁତ୍ୱ ବହନକରେ। ପୂଜାମଣ୍ଡପର ସମସ୍ତ ସଦସ୍ୟ ଶିଶୁ ଓ କିଶୋର। ଏଠାରେ ଶିଶୁଠାରୁ ଆରମ୍ଭକରି ପ୍ରୌଢ଼ ବ୍ୟକ୍ତି ମଧ୍ୟ ଏ ମଣ୍ଡପର ସଦସ୍ୟ ଅଛନ୍ତି। କିନ୍ତୁ ବୟସ୍କ ସଦସ୍ୟଙ୍କ ମାର୍ଗଦର୍ଶନରେ ମଣ୍ଡପର ପୂଜା ଓ ପରିଚାଳନା ଦାୟିତ୍ୱ କିଶୋରମାନେ ହିଁ ତୁଲାଇଥାଆନ୍ତି। ପୂଜା ନିମନ୍ତେ ଏଠାରେ କାହାକୁ ଚାନ୍ଦା ମଗାଯାଏନାହିଁ। ସଦସ୍ୟ ନିଜର ଖର୍ଚ୍ଚରୁ ଶ୍ରୀଗଜାନନଙ୍କ ପୂଜା ଉଦ୍ଦେଶ୍ୟରେ ସମର୍ପଣ କରନ୍ତି।

୧୯୯୭ରେ ମନୋରଞ୍ଜନ ସାହୁ, ନାଦୁ ନାଏକ, ଦିଲୀପ ସାହୁଙ୍କ ଦ୍ୱାରା ପୂଜା ଆରମ୍ଭ ହୋଇଥିଲା। ସେତେବେଳେ ମୂର୍ତ୍ତିର ଉଚ୍ଚତା ଦେଢ଼ଫୁଟ ଥିଲା। ସ୍ଥାନୀୟ କିଛି ସମସ୍ୟା ଯୋଗୁ ୩ ବର୍ଷ ପୂଜା ହୋଇ ୨୦୦୦ରୁ ପୂଜା ବନ୍ଦ ରହିଥିଲା। ପୁଣି ୨୦୧୩ରେ ସ୍ଥାନୀୟ ଯୁବଗୋଷ୍ଠୀ ବିଶ୍ୱଜିତ ସାହୁ, ଜଗନ୍ନାଥ ମହାରଣା, ଯଶୋବନ୍ତ ସାହୁ, ନୀଳାଦ୍ରି ସାହୁ ପ୍ରମୁଖ ପୂଜାମଣ୍ଡପ ନାମରେ ଏକ କମିଟି ଗଢ଼ି ପୂଜାକୁ ନୂତନ ଭାବେ ପୁନର୍ଜୀବିତ କରିଥିଲେ। ଚଳିତ



ବର୍ଷ ପୂଜା ପାଇଁ ତିଆରି ହେଉଥିବା ମୂର୍ତ୍ତିର ଉଚ୍ଚତା ୧୫ଫୁଟ ହୋଇଛି। ମୂର୍ତ୍ତିକୁ ଯାଜପୁରରୋଡ୍ ଅଞ୍ଚଳର ତୁଳତି ଗ୍ରାମର ଗୋକୁଳ ଚନ୍ଦ୍ର ମହାରଣା ସହଯୋଗୀଙ୍କୁ ନେଇ ଗଢୁଛନ୍ତି। ପୂଜା ମଣ୍ଡପରେ ପ୍ରତିବର୍ଷ ଶ୍ରୀଗଜାନନଙ୍କ ପୂଜାରେ ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତଙ୍କ ନିମନ୍ତେ ଦୈନିକ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ। ଏ ବର୍ଷ ମଣ୍ଡପର ଦ୍ୱାଦଶ ବର୍ଷ ହେଉଥିବାରୁ ଦୈନିକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଭଜନ ସମାରୋହ, ନୃତ୍ୟ କାର୍ଯ୍ୟକ୍ରମ ଏବଂ ଏକକ ଓ ସମୂହ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏ ବର୍ଷର ବ୍ୟୟ ବରାଦ ୫ ଲକ୍ଷ ଟଙ୍କା ରହିଥିବା ଶ୍ରୀଗଜାନନ ପୂଜାମଣ୍ଡପର ନୀଳାଦ୍ରି ସାହୁ ଜଣାଇଛନ୍ତି।

# ଭାଜପା ଜିଲା କୃଷକ ମୋର୍ଚ୍ଚାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ





ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତାମାନେ।

କେନ୍ଦୁଝର,୪ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା କୃଷକ ମୋର୍ଚ୍ଚାର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ବୁଧବାର ଭାଜପା ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାଗୀରଥି ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ଯୋଗଦେଇଥିଲେ। ଓଡ଼ିଶାରେ ଭାଜପା ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଧାନ କୁଇଣ୍ଟାଲ ୩୧୦୦ ଟଙ୍କା କରିବା, ୫୮ ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା ଓ ସମସ୍ତ ବ୍ଲକ୍‌ରେ ପନିପରିବା ମଣ୍ଡି ଖୋଲିବା ପାଇଁ ଚଳିତ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ଅର୍ଥ ବରାଦ କରିଥିବାରୁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କେନ୍ଦୁଝରରେ ଭାଜପାର ସଂଗଠନକୁ ସର୍ବ ବ୍ୟାପୀ କରିବା ପାଇଁ ସଦସ୍ୟତା ଅଭିଯାନକୁ କୃଷକ ମୋର୍ଚ୍ଚା ଘରକୁ ଘର ଯାଇ ସଦସ୍ୟତା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ରାଧାକାନ୍ତ ମହାନ୍ତ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଳିନ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ସନ୍ତୋଷ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶ୍ରୀଧର ସାହୁ ଓ ଶଙ୍କର୍ଷଣ ଜେନା, ଶ୍ରୀନିବାସ ପ୍ରଧାନ, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ରାଜେଶ ସିଂହ, ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ।

# ସାକ୍ଷୀଙ୍କ ରେକର୍ଡ ତଥ୍ୟ ମାଗିଲେ ରାଜ୍ୟ ମାନବାଧିକାର କମିଶନ

## ଖବରଦାତାଙ୍କ ମୃତ୍ୟୁ ଘଟଣା

କେନ୍ଦୁଝର,୪ା୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଖବରଦାତା ଶିବ ରଞ୍ଜନ ଦେଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟଣାରେ ରାଜ୍ୟ ମାନାବାଧିକାର କମିଶନ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନୋଟିସ୍ କରିଛନ୍ତି। ନିଜ ସାକ୍ଷୀଙ୍କ ଷ୍ଟେଟମେଣ୍ଟ ରେକର୍ଡ଼ ଉପସ୍ଥାପନ କରିବାକୁ ଆଦେଶ ଦେଇଛନ୍ତି। ଆଗାମୀ ଶୁଣାଣି ୧୯ ନଭେମ୍ବର ୨୪ ରେ ହେବ ବୋଲି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ୨୦୨୨ ରେ ଖବରଦାତା ଶିବ ରଞ୍ଜନ ସାମାନ୍ୟ ଜ୍ୱର ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଭଲ ହୋଇ ଘରକୁ ଆସିବାକୁ ପ୍ରସ୍ତୁତ ହେଉଥିବା ବେଳେ ଚେୟାରରେ ବସିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳା ଅଭିଯୋଗ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସ ଆଗରେ ଖବରଦାତାମାନେ ଧାରଣା ଦେଇଥିଲେ। ଘଟଣାକୁ ନେଇ ଖବରଦାତାଙ୍କ ସ୍ତ୍ରୀ ରୂପା ପିଲାଇ (ଦେ) ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ଏ ନେଇ ଅଭିଯୋଗ ଗ୍ରହଣ କରି କେସ ରୁଜୁ କରିଥିଲେ। ଏହାର ଶୁଣାଣି ୧୯ ଅଗଷ୍ଟ ୨୪ ରେ ଆରମ୍ଭ ହୋଇଥିଲା। ମୃତ୍ୟୁ ଦିନ ଖବରଦାତା ୩ ମହଲା ମେଡିସିନ ୱାର୍ଡ ବେଡ୍ ଉପରୁ ଓହ୍ଲାଇ ଚାଲିଚାଲି ଆସି ସିଟି ସ୍କାନ କରି ଫେରିଥିଲେ। ତାହାର ଗୋଟେ ଦିନ ପୂର୍ବରୁ ନିଜେ ଲାଇନ୍‌ରେ ଠିଆହୋଇ ରକ୍ତ ପରୀକ୍ଷା କରେଇଥିଲେ। ଶୁଣାଣି ପରେ ଆୟୋଗର ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିଜ ସାକ୍ଷୀଙ୍କ ଷ୍ଟେଟମେଣ୍ଟ ରେକର୍ଡ଼ ଆଣି ଉପସ୍ଥାପନ କରିବାକୁ କହିଛନ୍ତି।

# ବାକି ଟଙ୍କାକୁ ନେଇ ୩ ଜଣଙ୍କୁ ଆକ୍ରମଣ, ୨ ଗିରଫ

ପାଟଣା,୪ା୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ବେଗେନା ଗ୍ରାମରେ ବାକି ଟଙ୍କା ମାଗିବାକୁ ନେଇ ମଙ୍ଗଳବାର ତୁମୁଳକାଣ୍ଡ ଘଟିଛି। ଗୋଟେ ପରିବାରର ସ୍ୱାମୀ, ସ୍ତ୍ରୀ ଓ ଝିଅଙ୍କୁ ବ୍ଲେଡରେ ମରଣାନ୍ତକ ଆକ୍ରମଣ ହୋଇଛି। ଅଭିଯୋଗ ପରେ ପୋଲିସ ୨ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ଭାଇ ହେଲେ ଥାନା ଅନ୍ତର୍ଗତ ବେଗେନା ଗ୍ରାମର ତ୍ରିଲୋଚନ ନାଏକଙ୍କ ପୁଅ ନବୀନ (୪୦) ଓ ମଧୁସୂଦନ (୩୭)। ଅଭିଯୋଗ ଅନୁଯାୟୀ, ନବିନ ମହୁଲି ମଦ ବ୍ୟବସାୟ କରନ୍ତି। କୃଷ୍ଣଚନ୍ଦ୍ର ମହାକୁଡ଼ ପୂର୍ବରୁ ନବୀନଙ୍କଠାରୁ ୧୮୦ଟଙ୍କାର ମଦ ପିଇ ଟଙ୍କା ଦେଉ ନ ଥିଲେ। ଏ ନେଇ ମଙ୍ଗଳବାର ବେଗେନା ଛକରେ ଉଭୟଙ୍କ ମଧ୍ୟରେ ମାଡପିଟ୍ ହୋଇଥିଲା। କିଛି ସମୟ ପରେ କୃଷ୍ଣ, ତାଙ୍କ ସ୍ତ୍ରୀ ଜାନକୀ ଓ ଝିଅ ସୁଚିସ୍ମିତା ମିଶି ନବୀନଙ୍କ ଘରକୁ ଯାଇଥିଲେ। ପରେ ଉଭୟ ପରିବାର ମଧ୍ୟରେ ପୁନର୍ବାର ଗଣ୍ଡଗୋଳ ହୋଇଥିଲା। ନବୀନ ଓ ତାଙ୍କ ଭାଇ ମଧୁସୂଦନ ସହ ସୁଚିସ୍ମିତାଙ୍କ ଗଳାକୁ ବ୍ଲେଡ୍‌ରେ କାଟି ଦେଇଥିଲେ। ୨ ଭାଇଙ୍କ ଆକ୍ରମଣରେ କୃଷ୍ଣ ଚନ୍ଦ୍ର ଓ ଜାନକୀଙ୍କ ମୁଣ୍ଡରେ ମଧ୍ୟ କ୍ଷତ ହୋଇଛି। ଏକ ମାମଲା (ନଂ.୨୯୩/୨୪) ରୁଜୁ ହୋଇଛି।

# ଭାଜପାର ସଦସ୍ୟତା ଅଭିଯାନ ଆରମ୍ଭ

କେନ୍ଦୁଝର,୪ା୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ଜିଲା କାର୍ଯ୍ୟାଳୟଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ଜିଲାରେ କିଭଳି ସଦସ୍ୟତା ଅଭିଯାନର ରୂପରେଖ ରହିବ ଏବଂ ତୃଣମୂଳସ୍ତରରୁ ସଂଗଠନକୁ ମଜବୁତ କରାଯିବ। ସେ ନେଇ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ସୂଚନା ଦେଇଛନ୍ତି। ଜିଲାର ପ୍ରତି ବୁଥ୍‌ରୁ ଆରମ୍ଭ କରି ଜିଲା ପର୍ଯ୍ୟନ୍ତ କିଭଳି ସଦସ୍ୟତା କାର୍ଯ୍ୟକ୍ରମକୁ ସଫଳ କରାଯିବ ସେ ସମ୍ବନ୍ଧରେ ବୁଥ୍ କମିଟିରୁ ଜିଲା କମିଟିର ଏକ କର୍ମଶାଳା ହୋଇଯାଇଥିବା କହିଛନ୍ତି। ବର୍ତ୍ତମାନ ଭାଜପା ସର୍ବାଧିକ ସଦସ୍ୟତା ବିଶିଷ୍ଟ ରାଜନୈତିକ ଦଳର ହୋଇସାରିଛି। ପୂର୍ବ ସଦସ୍ୟତା କାର୍ଯ୍ୟକ୍ରମରେ ଦଳ ଓଡ଼ିଶାରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟ କରି ରାଜ୍ୟରେ ସରକାର ଗଢ଼ିବାରେ ସଫଳ ହୋଇପାରିଛି। ତେଣୁ ଭାଜପାରେ ସଦସ୍ୟତା ହିଁ ସଂଗଠନ ବୋଲି ଏମ୍‌ପି କହିଛନ୍ତି। ସଦସ୍ୟତା ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୨ ରୁ ୨୩ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ୧ ରୁ ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ନାୟକ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କେନ୍ଦୁଝର ଲୋକସଭା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ଉପସ୍ଥିତ ଥିଲେ।

# ଖୋଲିଲା ଜେଡିପି ଶପ୍



ଅତିଥି ଫିତାକାଟି ମେଗାଶପ୍‌କୁ ଉଦ୍‌ଘାଟନ କରୁଛନ୍ତି।

ବାରିପଦା,୪ା୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଭଞ୍ଜପୁରଠାରେ ଜେଡିପି (ଜାନୁରାମ ଦୁର୍ଗାପ୍ରସାଦ) ମେଗା ଶପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶିବାନୀ ସଙ୍ଗୀତା ଓ ସମ୍ମାନିତ ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସୋ'ରୁମ୍‌ରେ ମହିଳା ଓ ପୁରୁଷଙ୍କ ନିମନ୍ତେ ଆକର୍ଷଣୀୟ ଓ ମନଲୋଭା ପୋଷାକ ଉପଲବ୍ଧ ରହିଛି। ବିଭିନ୍ନ ବ୍ରାଣ୍ଡର ପ୍ୟାଣ୍ଟ, ଶାର୍ଟ, ଶାଢ଼ି, ଲେହେଙ୍ଗା ସହ ନିତ୍ୟ ବ୍ୟବହାର୍ଯ୍ୟ ପୋଷାକ ବିକ୍ରି ଉପରେ ୪୦ ପ୍ରତିଶତ ରିହାତି ରଖାଯାଇଛି। ସେହିପରି ୧୯୯୯ ଟଙ୍କା ଓ ୪୯୯୯ ଟଙ୍କାର କ୍ରୟ ଉପରେ ନିଶ୍ଚିତ ଉପହାର ବ୍ୟବସ୍ଥା ଥିବା ନିର୍ଦ୍ଦେଶକ ସୌରଭ ମୋଦି କହିଛନ୍ତି। କାର୍ଯ୍ୟକ୍ରମରେ ଅଙ୍କୁର ଖୁରାନା ଓ ନେହା ମୋଦି ଉପସ୍ଥିତ ରହି ଆଗନ୍ତୁକମାନଙ୍କୁ ସ୍ୱାଗତ କରିଥିଲେ।

# ଯୋଡ଼ା-ବାମେବାରି ମୁଖ୍ୟରାସ୍ତାରେ ଟ୍ରକ୍ ପାର୍କିଂ

## ଟ୍ରାଫିକ୍ ସମସ୍ୟା ଅଣାୟତ୍ତ, ଲୋକେ ହନ୍ତସନ୍ତ



ରାସ୍ତା ଉପରେ ଛିଡ଼ାହୋଇଥିବା ଟ୍ରକ୍।

ଯୋଡ଼ା,୪ା୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଯୋଡ଼ା-ବାମେବାରି ରାଜ୍ୟ ରାଜପଥ ନଂ. ୨ ରାସ୍ତାରେ ବେଆଇନ ଟ୍ରକ୍‌ପାର୍କିଂ ହେଉଛି। ଜୁରୁଡିସ୍ଥିତ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଜିଳିଂ ଲୁହାପଥର ଖଣିରୁ ଖଣିଜ ପରିବହନ ପାଇଁ ଯାଉଥିବା ଟ୍ରକ୍ ରାସ୍ତା ଉପରେ ପାର୍କିଂ କରୁଥିବାରୁ ସ୍କୁଲ ବସ୍, ଆମ୍ବୁଲାନ୍ସ ଆଦି ଫସି ରହୁଛି। ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ ହେଉଥିବା ବେଳେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି।

ପ୍ରକାଶ ଯେ, ଯୋଡ଼ା-ବାମେବାରି ରାଜ୍ୟ ରାଜପଥ ନଂ. ୨ ରାସ୍ତାଟି ଯୋଡ଼ା ବ୍ଲକ୍‌ର ମୁଖ୍ୟ ରାସ୍ତା। ରାସ୍ତା ଉପରେ ଜୁରୁଡି, ଜଜାଙ୍ଗ, ଜଳହରି, ବଳଦା, କାଳିମାଟି, ପଳଶା ସହିତ ଯୋଡ଼ା ସହରବାସୀ ଯାତାୟାତ କରିଥାଆନ୍ତି। ରାସ୍ତାର ଜିଳିଂଠାରେ ଥିବା ଓଏମ୍‌ସି ଖଣି ରାସ୍ତାକୁ ପରିବହନ ପାଇଁ କବଜା କରି ରଖିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ଖଣିରୁ ଅନେକ ଲକ୍ଷ ଟନ ପରିମାଣର ଲୁହାପଥର ଟ୍ରକ୍ ଦ୍ୱାରା ପରିବହନ କରାଯାଉଛି। ପରିବହନ ପାଇଁ ଖଣିରେ ପଶୁଥିବା ଓ ଖଣିଜ ବୋଝେଇ କରି ବାହାରୁ ଥିବା ଟ୍ରକ୍‌ଗୁଡ଼ିକ ରାସ୍ତା ଉପରେ ୪ ଲାଇନ କରି ଅବରୋଧକରି ରଖୁଛନ୍ତି। ଫଳରେ ରାସ୍ତା ଉପରେ ପ୍ରତିଦିନ ଅନେକ ଘଣ୍ଟା ଧରି ସ୍କୁଲ ବସ୍, ଆମ୍ବୁଲାନ୍ସ, ୪ ଚକିଆ ଯାନବାହନ, ବାଇକ୍ ଫସି ରହୁଛି। ଅନେକ ଶହ ଟ୍ରକ୍ ଅଟକି ରହୁଥିବାରୁ ଟ୍ରକ୍‌ଗୁଡ଼ିକର ହର୍ନ ଶବ୍ଦରେ ଖଣି ନିକଟ ରହିତ କ୍ରେଚ ହଟିଂ, କେଏମ୍‌ସି, ନ୍ୟୁ କଲୋନି, ପେଣ୍ଡେଇବସ୍ତି, ଜଳହରି ପ୍ରଭୃତି ବସ୍ତି ଅଞ୍ଚଳରେ ରାତିରେ ଲୋକେ ଶୋଇପାରୁ ନ ଥିବା ହରି ପାତ୍ର, ଗୁରୁଚରଣ ପାତ୍ର, ଶମ୍ଭୁ ମୁଣ୍ଡା, ବିଷ୍ଣୁ ମୁଣ୍ଡା, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଖଣି ଲିଜ୍ ନିୟମ ଅନୁଯାୟୀ, ଖଣିଜ ପରିବହନ ସମୟରେ ରହିଥିବା ସର୍ତ୍ତାବଳୀକୁ ଓଏମ୍‌ସି ପାଳନ କରୁନାହିଁ। ଖଣିର ଲିଜ୍ ଅଞ୍ଚଳ ପରିବ୍ୟାପ୍ତ ଥିବା ବେଳେ ପାର୍କିଂସ୍ଥଳ ନିରୂପଣ ନ କରି ଜନସାଧାରଣ ବ୍ୟବହାର କରୁଥିବା ରାଜରାସ୍ତା ଉପରେ ବେଆଇନ ଭାବେ ଟ୍ରକ୍ ପାର୍କିଂ କରାଯାଉଛି। ପରିବହନ ସଂସ୍ଥାଗୁଡ଼ିକୁ ମଧ୍ୟ ଖଣି ବିଭାଗ ଓ ପ୍ରଶାସନ ପକ୍ଷରୁ ଏଠାରେ ଅହେତୁକ ଅନୁକମ୍ପା ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ପରିବହନ ସଂସ୍ଥା ଲାଇସେନ୍ସ ପ୍ରଦାନ ସମୟରେ ଟ୍ରକ୍ ପାର୍କିଂସ୍ଥଳ ପାଇଁ ରହିଥିବା ନିୟମକୁ ମଧ୍ୟ ସଂସ୍ଥାଗୁଡ଼ିକ ମାନୁନାହାନ୍ତି। ଖଣି ଅଞ୍ଚଳରେ ପରିବହନ କରୁଥିବା ସଂସ୍ଥାଗୁଡ଼ିକର ନିଜସ୍ୱ ପାର୍କିଂସ୍ଥଳ ନାହିଁ। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଖଣି ବିଭାଗ, ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବଡ଼ବିଲ ଆଞ୍ଚଳିକ ସହକାରୀ ପରିବହନ ଅଧିକାରୀ ଦୁର୍ଗାପ୍ରସାଦ ରାଓ କହିଛନ୍ତି, ଏ ନେଇ ବିଭିନ୍ନ ସମୟରେ ଯାଞ୍ଚ କରାଯାଉଛି। ମାତ୍ର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଖଣି ଓ ପରିବହନ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ସେ କହିଥିଲେ।

# ୨ ବାଇକ ମୁହାଁମୁହିଁ, ୩ ଗୁରୁତର

ଖୁଣ୍ଟା(ଦେବରଞ୍ଜନ ବେହେରା)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଢୁଆଳ),୪ା୯

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତଥା ଉଦଳା-ଖୁଣ୍ଟା ରାଜ୍ୟ ରାଜପଥ ନାଲୁହା ଛକଠାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଖୁଣ୍ଟା ଥାନା ବଡ଼ଓଳିଆ ଗ୍ରାମର ଗୋବିନ୍ଦ ହାଁସଦା, ତାଙ୍କ ପତ୍ନୀ ସୀତାମଣି ହାଁସଦା କୌଣସି କାମରେ ବାଇକ ଯୋଗେ ଉଦଳା ଅଭିମୁଖେ ଯାଉଥିଲେ। ନାଲୁହା ଛକ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିର ବାଇକ୍‌ରେ ଆସୁଥିବା ଜଣେ ଯୁବକ ଗୋବିନ୍ଦଙ୍କ ବାଇକକୁ ସମ୍ମୁଖରୁ ଧକ୍କା ଦେଇଥିଲେ। ଉଭୟ ବାଇକ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ସମସ୍ତେ ଛିଟିକି ପଡ଼ିଥିଲେ। ଖବର ପାଇ ଖୁଣ୍ଟା ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ଦମ୍ପତିଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯୁବକଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ଖୁଣ୍ଟା ମେଡିକାଲରେ ଭର୍ତ୍ତି କରାଇଥିଲେ। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସମସ୍ତଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଖୁଣ୍ଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

